# ଧାନ କିଣା ପ୍ରସଙ୍ଗରେ ଉଦାସୀନ ସରକାର

**● ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ଆପ୍ ଦେବ ଦାବିପତ୍ର**



**ବରଗଡ଼, ୨୧।୧୨(ସମିସ):** ଚଳିତ ଖରିଫ ଋତୁ ଧାନ ସଂଗ୍ରହରେ ସରକାର ବିଫଳ ହୋଇଛନ୍ତି। ପଶ୍ଚିମ ଓଡ଼ିଶାରେ ଚାଷୀଙ୍କ ଧାନ କିଣାରେ ସରକାରଙ୍କ ପକ୍ଷରୁ ଉଦାସୀନତା ବାରମ୍ବାର ଦେଖା ଯାଉଛି। ଏହାର ପ୍ରତିବାଦରେ ଓ ସବୁ ଚାଷୀଙ୍କ ଧାନ ଶୀଘ୍ର କିଣିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆସନ୍ତା ମଙ୍ଗଳବାର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସମ୍ବଲପୁରଙ୍କ ଠାରେ ଆମ୍ ଆଦମୀ ପାର୍ଟି ଦାବିପତ୍ର ଦେବାର କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ ସୁଦ୍ଧା ୫୦%ରୁ ଊର୍ଦ୍ଧ୍ୱ ଚାଷୀଙ୍କ ପାଖକୁ ଟୋକନ ଆସି ନାହିଁ। ଯେଉଁମାନଙ୍କ ଟୋକନ ଅଛି ସେମାନଙ୍କ ଧାନ ସରକାର ଠିକ୍ ଭାବେ କିଣୁ ନାହାନ୍ତି ବୋଲି ରାଜ୍ୟ ସମ୍ପାଦକ ଭବାନୀ ସାହୁ ଅଭିଯୋଗ କରିଛନ୍ତି। ଅନ୍ନଦାତା ମାନଙ୍କ ନାର୍ଯ୍ୟ ଦାବିକୁ ହୃଦବୋଧ କରି ତୁରନ୍ତ ସମସ୍ତ ଚାଷୀଙ୍କ ଧାନ ବିନା କଟଣୀ ଛଟଣୀରେ କିଣା ଯାଉ ବୋଲି ଶ୍ରୀ ସାହୁ କହିଛନ୍ତି।

# ଧାନ କିଣା ବାଟବଣା

**● ଟୋକନ ଅପେକ୍ଷାରେ ଅଧିକାଂଶ ଚାଷୀ**
**● ପଦ୍ମପୁର ଉପଖଣ୍ଡର ବିଭିନ୍ନ ମଣ୍ଡିରେ ୬ଲକ୍ଷ ୫୫ହଜାର ପାକେଟ ଧାନ**

ପଦ୍ମପୁର, ୨୧।୧୨(ସମିସ)

ପଦ୍ମପୁର ଉପଖଣ୍ଡରେ ମଣ୍ଡି ଖୋଲିବାର ୨୫ ଦିନ ବିତିଯାଇଛି। ମାତ୍ର ଅଧିକାଂଶ ଚାଷୀଙ୍କ ପାଖରେ ଟୋକନ ପହଞ୍ଚି ପାରିନାହିଁ। ଯେଉଁ ବି ଚାଷୀଙ୍କ ପାଖକୁ ଟୋକନ ପହଞ୍ଚିଛି ଟୋକନରେ ବିକ୍ରି ଧାନ ପରିମାଣ କମାଇ ଦିଆଯାଇଥିବା ବେଳେ ଧାନ ମଣ୍ଡିକୁ ନେବାର ସମୟ ଜାନୁଆରୀ ମାସକୁ ଧାର୍ଯ୍ୟ କରାଯାଇଛି। ଫଳରେ ବାଧ ହୋଇ ଚାଷୀ ଅମଳ ଧାନକୁ ରାସ୍ତା ଓ ଖଳାରେ ପକାଇଛନ୍ତି। ଶୀତ କାକରରେ ସେହି ଧାନକୁ ଧରି ଚାଷୀ ଟୋକନ ଆସିବା ଅପେକ୍ଷାରେ ରହିଛନ୍ତି। ପ୍ରଶାସନ ପକ୍ଷରୁ ସମସ୍ତ ଚାଷୀଙ୍କ ଟୋକନ ଡିସେମ୍ବର ୨୦ ତାରିଖ ସୁଦ୍ଧା ପହଞ୍ଚିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା ମାତ୍ର ପ୍ରଶାସନର ପ୍ରତିଶ୍ରୁତି ମିଥ୍ୟାରେ ପରିଣତ



ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଉପଖଣ୍ଡର ୯୨ ମଣ୍ଡିରେ ଶନିବାର ସୁଦ୍ଧା ୬ଲକ୍ଷ ୫୪ହଜାର ୮୪୯ ପାକେଟ ଧାନ ପଡ଼ିଛି। ଉପାନ୍ତ ଅଞ୍ଚଳ ପାଇକମାଲ ବ୍ଲକ ଧାରୋଲ ମଣ୍ଡି, ଲଖମରା ମଣ୍ଡି, ବୁକୁରାମୁଣ୍ଡା, ଝିଟିକି ଲଖମରା ମଣ୍ଡିରେ ହଜାର ହଜାର ବସ୍ତା ଧାନ ଗଦା ହୋଇ ରହିଛି। ମିଲର୍ସ ଠିକ ଭାବେ ଉପାନ୍ତ ଅଞ୍ଚଳର ମଣ୍ଡିରୁ ଧାନ ଉଠାଉ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ଏପର୍ଯ୍ୟନ୍ତ ଉପଖଣ୍ଡର ୯୨ଟି ମଣ୍ଡିରେ ୮୯୮୫ ଜଣ ଚାଷୀଙ୍କ ୩ଲକ୍ଷ ୯୪ ହଜାର ୭୯୯ ପାକେଟ ଧାନ ବିକ୍ରି କରିଥିବା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି। ସେପଟେ ଅଧିକାଂଶ ଚାଷୀଙ୍କ ଟୋକନ ଆସି ନଥିବା ରାଜବୋଡାସମ୍ବର କୃଷକ ସଂଘଠନର ଆଇନ ପରାମର୍ଶଦାତା ଅଜିତ ଶତପଥୀ କହିଛନ୍ତି। ଚାଷୀ ବାରମ୍ବାର ପ୍ରାଥମିକ କୃଷି ସମବାୟ କେନ୍ଦ୍ରକୁ ଦୌଡୁଛନ୍ତି ମାତ୍ର ଏ ସମ୍ପର୍କରେ ସେମାନଙ୍କ ପାଖରେ ତଥ୍ୟ ନ ଥିବା ଉତ୍ତର ମିଳୁଛି। ସରକାରଙ୍କ ପ୍ରଦତ୍ତ କୃଷି ସହାୟକ ପୋର୍ଟାଲର ହେଲ୍ପ ଲାଇନ ନମ୍ବର ୧୯୬୭କୁ ଫୋନ୍ କଲେ ମଧ୍ୟ ତଥ୍ୟ ମିଳୁ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖା ଦେଇଛି।

## ଜିଲ୍ଲାସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷଣ ଓ ପ୍ରଶିକ୍ଷଣ ଶିବିର



**ଭେଡେନ, ୨୧।୧୨(ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟ ସିଆଲଖଣ୍ଡ ହଥା ଠାରେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ସଭାପତିତ୍ୱରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭେଡେନ ମଚ୍ଛିନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ ଭେଡେନ ଜୋନ ୩ ଜିଲ୍ଲା ପରିଷଦ ପିଙ୍କି ବଡ଼େଇ, ଭେଡେନ ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ସମିତି ସଭ୍ୟା ଲକ୍ଷ୍ମୀ ଭୋଇ, ଏସଏମସି ଚେୟାରମ୍ୟାନ ଯୁବରାଜ ନାଏକ, ପିଏସଏସ ମେମ୍ବର ଡ୍ରାଇଭର ପଟେଲ ଓ ସିଆଲଖଣ୍ଡହଥା ସରପଞ୍ଚ ରସାନନ୍ଦ ବାଗ ଏବଂ ବରଗଡ଼ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ହେମନ୍ତ ସାମଲ ପ୍ରମୁଖଙ୍କ ଉପସ୍ଥିତରେ ଏବଂ ଭେଡେନ ଏବିଇଓ ହେମବତୀ ମେହେର, ଅତାବିରା ଏବିଇଓ କାର୍ତ୍ତିକ ବାଗ, ସ୍ଥାନୀୟ ପ୍ରଧାନ ଶିକ୍ଷକ ମୀନକେତନ ପଧାନଙ୍କ ସମ୍ପାଦନାରେ ବରଗଡ଼ ଜିଲ୍ଲା ସ୍ତରୀୟ ଜୁନିୟର ରେଡକ୍ରସ ଶିକ୍ଷଣ ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ମାନଙ୍କ ମଧ୍ୟରେ ଭେଡେନ ନୋଡାଲ ହେଡମାଷ୍ଟର ରଞ୍ଜନ ନାଏକ, ରକ୍ଷୁଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଫକୀର ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୨ଟି ବ୍ଲକରୁ ୧୪୪ଜଣ ଛାତ୍ରଛାତ୍ରୀ ଓ ୧୦ ଜଣ ପିଇଟି ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ପ୍ରଥମ ଦିନର କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଶାରୀରିକ ଅଧିକାରୀ ଜ୍ୟୋତିଷ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କୁ ସମାନ ସୁଯୋଗ ଓ ସମ୍ମାନ ଦ୍ୱାରା ସମୃଦ୍ଧ ରାଷ୍ଟ୍ର ଗଠନ ସମ୍ଭବ

**ବରଗଡ଼, ୨୧।୧୨(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠ ଏବଂ ଆଭ୍ୟନ୍ତରୀଣ ଅଭିଯୋଗ ପ୍ରକୋଷ୍ଠର ମିଳିତ ଆନୁକୂଲ୍ୟରେ 'ଜାତୀୟ ପ୍ରଗତି ପାଇଁ ଲିଙ୍ଗଗତ ସମାନତା ଏକ ଅପରିହାର୍ଯ୍ୟ ପୂର୍ବସୂଚକ' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ଖଗେଶ୍ୱର ଦାଶ ଏଥିରେ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପିକା ରୀନା ଧର୍ମବିନାୟକ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଅଧକ୍ଷ ପ୍ରଫେସର ଦାଶ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।



ସମ୍ମାନିତ ଅତିଥି ଭାବେ ଆଭ୍ୟନ୍ତରୀଣ ଅଭିଯୋଗ ପ୍ରକୋଷ୍ଠର ମୁଖ୍ୟା ପ୍ରାଧାପିକା ଝୁନୁ ପରିଡ଼ା, ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠର ସଂଯୋଜିକା ତଥା ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟା ଅଧାପିକା ଶର୍ମିଳା ପଣ୍ଡା ଏବଂ ସଦସ୍ୟା ଅଧାପିକା ରୀନା ଧର୍ମବିନାୟକ ଥିଲେ। ଲିଙ୍ଗଗତ ସମାନତା ଓ ସାମାଜିକ ବିକାଶର ବିଭିନ୍ନ ଦିଗ, ସମାଜର ମୁଖ୍ୟଧାରାରେ ମହିଳାମାନଙ୍କୁ ସମାନ ସୁଯୋଗ ଓ ସମ୍ମାନ ପ୍ରଦାନ କରାଗଲେ ହିଁ ଏକ ସମୃଦ୍ଧରାଷ୍ଟ୍ର ଗଠନ ସମ୍ଭବ। ଶିକ୍ଷା ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଲିଙ୍ଗଗତ ବୈଷମ୍ୟକୁ ଦୂର କରିବା ସୁସ୍ଥ ଗଣତନ୍ତ୍ର ପାଇଁ ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଛାତ୍ରୀ ଧରିତ୍ରୀ ବରିହା ବିଷୟବସ୍ତୁ ସମ୍ପର୍କିତ ଭିଡ଼ିଓପ୍ରବନ୍ଧ ଉପସ୍ଥାପନ କରିଥିଲେ। ସଭାରେ ପ୍ରାଧାପିକା ତାପିନୀ ପଣ୍ଡା, ପୂର୍ଣ୍ଣିମା ଦୋରା, ଅଧାପିକା ମୋନାଲିସା ସ୍ୱାଇଁ, ନିକିତା ଭୋଇ, ସୁରେଶ୍ୱରୀ ପାଣ୍ଡେ, ପ୍ରାଧାପକ ପ୍ରଭାତ ମହାପାତ୍ର, ଅଧାପକ ସନ୍ତୋଷ ମିଶ୍ର ଓ ନିର୍ମଳ କୁମ୍ଭାରଙ୍କ ସମେତ ଶତାଧିକ ଛାତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଛାତ୍ରୀ ବେଦମତୀ ମିରି ଧନ୍ୟବାଦ ଅର୍ପଣ କରିଥିଲେ।

## 'ମିଶନ ଶିକ୍ଷାଦାନ' କାର୍ଯ୍ୟକ୍ରମରେ ନିଃଶୁଳ୍କ ପାଠ୍ୟଦାନ

**ବରଗଡ଼, ୨୧।୧୨(ସମିସ):** ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ର ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ରବିବାର ନିକଟସ୍ଥ ନାଗେନ ପାଲି ଠାରେ ମିଶନ ଶିକ୍ଷାଦାନ କାର୍ଯ୍ୟକ୍ରମ ଅବସରରେ ନିଃଶୁଳ୍କ ପାଠ୍ୟଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରେଣୀର ୪୦ରୁ ଊର୍ଦ୍ଧ୍ୱ



ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରିଥିଲେ। ବିଜ୍ଞାନ ଗଣିତ, ଇଂରାଜୀ ସାହିତ୍ୟ, ଭୂଗୋଳ ସଂସ୍କୃତ ଆଦି ବିଷୟରେ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷା ପ୍ରଦାନ କରିଥିଲେ। ଶିକ୍ଷକ ମୁହିରିଆ ପ୍ରଧାନ, କିଶୋର ବିଶ୍ୱାଳ, ଗୋପବନ୍ଧୁ ପୁରୋହିତ, ଡ.ଡୋଳାମଣି ଶତପଥୀ, ସାମାଜିକ କର୍ମୀ ସଂଘମୀତ୍ରା ପଟେଲ ପ୍ରମୁଖ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହିଥିବା ବିଷୟ ଭିତ୍ତିକ ଶଙ୍କା ସମାଧାନ କରିଥିଲେ।

## ଖଇର କାଠ ସହିତ ପିକ୍‌ଅପ୍ ଜବତ

**ପଦ୍ମପୁର, ୨୧।୧୨(ସମିସ):** ପଦ୍ମପୁର ବନବିଭାଗ ତରଫରୁ ପଦ୍ମପୁର ରେଞ୍ଜର ରମେଶ ସାହୁଙ୍କ ନେତୃତ୍ୱରେ ଖଇର କାଠ ବୋଝେଇ ପିକ୍ ଅପ୍ ଜବତ ହୋଇଛି। କାଠ ଚାଲାଣ ହେଉଥିବା ଖବର ପାଇ ପଦ୍ମପୁର ନିକଟସ୍ଥ ମହୁଲପାଲି ବ୍ରିଜରେ ଭ୍ୟାନକୁ ଅଟକାଇ ଥିଲେ। ଗାଡି ଡ୍ରାଇଭର ଫେରାର ମାରିଥିବା ବେଳେ ଗାଡିରୁ ୨୬୬୫ କେଜି ଖଇର କାଠ ଜବତ ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୩୩ ହଜାର ୨୫୦ ଟଙ୍କା ହେବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି। ଚଢ଼ଉରେ ଫରେଷ୍ଟର ସରୋଜ ସାହୁଙ୍କ ସମେତ ଅନ୍ୟ ଷ୍ଟାଫ୍ ସହଯୋଗ କରିଥିଲେ।

## ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ଗାଇସିଲେଟ, ୨୧।୧୨(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ ଶାନ୍ତି ମୈତ୍ରୀ ଉଚ୍ଚ ବିଦ୍ୟାପୀଠ ପଲ୍ଲୀ ବିକାଶ ଭାଙ୍ଗମୁଣ୍ଡା ବେହେରାମୁଣ୍ଡା ଛକ ସ୍କୁଲର ୨୦୧୪ ମାଟ୍ରିକ ବ୍ୟାଚ୍‌ର ତୃତୀୟ ବନ୍ଧୁ ମିଳନ ନିକଟସ୍ଥ ଗାଇଖାଇ ଡ୍ୟାମ ନିକଟରେରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଗାଁରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବନ୍ଧୁ ମିଳନରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରୁକ୍ମଣ ଦିଶ୍ରୀ ଅଧକ୍ଷତା କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚତୁର୍ଭୁଜ ବାରିକ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡୋଳାମଣି ତରିଆ ସମ୍ମାନିତ ଅତିଥି, ଗୁଣନିଧି ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ପୁରାତନ ଛାତ୍ରଛାତ୍ରୀ ଗୁରୁ ପୂଜନ ସହ ଉପସ୍ଥିତ ଗୁରୁ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଲକ୍ଷ୍ମୀକାନ୍ତ ସାହୁ ଓ ନୀଳକଣ୍ଠ ସାହୁଙ୍କ ତତ୍ତ୍ୱାବଧାନରେ ଅଯୋଜିତ ବନ୍ଧୁ ମିଳନରେ ମୁନା ମହାନନ୍ଦ ସଙ୍ଗୀତା ମହାପାତ୍ର ପୂଜା ସାହୁ ସୁରେଖା ସାହୁ ମମତା ସାହୁ ଜୟନ୍ତୀ ସାହୁ ବେଦବ୍ୟାସ ସାହୁ, ଲକ୍ଷ୍ମୀ ସାହୁ ହେମକାନ୍ତି ସାହୁ ଈଶ୍ୱର ମହାନନ୍ଦ ମିଟୁ ଶିବାଞ୍ଜଳି ପଧାନରଞ୍ଜିତା ବୁଡେକ ସାହୁଙ୍କ ସହ ବହୁ ପୁରାତନ ଛାତ୍ର ସାମିଲ ହୋଇଥିଲେ।

**ଝାରବନ୍ଧ:** ଝାରବନ୍ଧ ବ୍ଲକ ଚନ୍ଦ୍ରମଣିପୁର ଉଚ୍ଚ ବିଦ୍ୟାଳୟର ୨୦୧୦ ମାଟ୍ରିକ ବନ୍ଧୁମିଳନ ୨୦୨୫ କାର୍ଯ୍ୟକ୍ରମ ଝାରବନ୍ଧ ନିକଟସ୍ଥ ଚାକଦର୍ହା ଡ୍ୟାମ ଠାରେ ନବୀନ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୫ ବର୍ଷ ପରେ ସମସ୍ତ ସହପାଠୀ ଏକତ୍ରିତ ହୋଇଥିଲେ। କିଶୋର ନାୟକ, ସିଉରାମ ସାହୁ, କେଦାରନାଥ ସିଦାର, ନବୀନ ପଟେଲ, ଜୟକୃଷ୍ଣ ପଟେଲ, ଟିକେଶ୍ୱର ପଟେଲ, ରୁପେଶ ପଟେଲ, ସନ୍ତୋଷ ଡନସନା, ଚିନ୍ତାମଣି ନାୟକ, ତୋକେଶ ପଟେଲ, ଡୋଳାମଣୀ ସାହୁ, ମହେଶ ଭୋଇ, ହେମନ୍ତ ପଟେଲ, ହେମନ୍ତ ରାଉତ, ଲୋକନାଥ ଲୁହାର, ରାମେଶ୍ୱର ନାୟକ, ଯୋଗିନ୍ଦ୍ର ବରିହା, ମନୋଜ ପ୍ରଧାନ, ଲଙ୍କେଶ୍ୱର ଡନସନା ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତାମତ ପ୍ରଦାନ କରିଥିଲେ।

## ଓଷ୍ଟା ପକ୍ଷରୁ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ

**ବରପାଲି, ୨୧।୧୨(ସମିସ):** ବରପାଲି ଜଗବନ୍ଧୁ ଦାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଶିଶୁଉତ୍ସବ ୨୦୨୫ ସମାପନ ହୋଇଯାଇଛି। ଜିଲ୍ଲା ଓଷ୍ଟା ପକ୍ଷରୁ ଆୟୋଜିତ ଉତ୍ସବରେ ଜିଲ୍ଲାର ୧୨



ବ୍ଲକରୁ ୨୨୦ ଜଣ ପ୍ରତିଯୋଗୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, ରାଜ୍ୟ ଉପସଭାପତି ପ୍ରମୋଦ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ମଧୁସୂଦନ ଦେ, ପ୍ରାକ୍ତନରାଜ୍ୟ କାର୍ଯ୍ୟକାରୀ ସଭାପତି ସତ୍ୟ ନାରାୟଣ ତ୍ରିପାଠୀ, ଜେଡି ମହାବିଦ୍ୟାଳୟ ଅଧକ୍ଷା ପଦ୍ମିନୀ ଦାଶ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀରତ୍ନ ଭୋଇ, ଜିଲ୍ଲା ସମ୍ପାଦକ ସଞ୍ଜୟ ସିଂହ ମଞ୍ଚାସୀନ ଥିଲେ। ଜିଲ୍ଲା ସଭାପତି ଜଗନ୍ମୟୀ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ଯୁଗ୍ମ ସମ୍ପାଦକ ସରୋଜ ସାହୁ ସଂଯୋଜନା କରିଥିଲେ। ସଭାରେ ବିଚାରକ ମାନଙ୍କୁ ଜିଲ୍ଲା ଓଷ୍ଟା ତରଫରୁ ସମ୍ବର୍ଦ୍ଧିତ କରଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଉପ ସଭାପତି ଚୂଳସୁନ୍ଦର ମେହେରଙ୍କ ଦ୍ୱାରା ରଚିତ ପୁସ୍ତକ ଉନ୍ମୋଚିତ ହେବା ପରେ ଓଷ୍ଟାର ପ୍ରାକ୍ତନ ନେତୃତ୍ୱ ତଥା ଶିକ୍ଷାବିତ ପ୍ରୀତିରଞ୍ଜନ ପଧାନ ଓ ଅଶ୍ୱିନୀ ପଧାନଙ୍କୁ ଓଷ୍ଟା ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ରୂପେ ରାଜ୍ୟ ସହସମ୍ପାଦକ ଆଶୁତୋଷ ରଥ ମଞ୍ଚାସୀନ ଥିବା ବେଳେ ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଭବାନୀ ଶଙ୍କର ଭୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଜିଲ୍ଲା ଉପସଭାପତି ଅନୁସୂଚିତ ଦେବତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଜିଲ୍ଲା ଯୁଗ୍ମ ସମ୍ପାଦକ ଯାଦବ ପଧାନ, ମିନତୀ ଦାଶ, ଜିଲ୍ଲା ଉପସଭାପତି ରୁଦ୍ରଦେବ ସାହୁ, ସଚିଦାନନ୍ଦ ପଧାନ, ଭେଡେନ ବ୍ଲକ ସମ୍ପାଦକ ସୁଦାମ ମିଶ୍ର, ବରଗଡ଼ ବ୍ଲକ ସମ୍ପାଦକ ସମୁଦ୍ର ଭୋଇ, ପଦ୍ମପୁର ବ୍ଲକ ସମ୍ପାଦକ ରବିନାରାୟଣ ପଧାନ, ପାଇକମାଳ ବ୍ଲକ ସମ୍ପାଦକ ଜୀବର୍ଦ୍ଧନ ବିଶି, ଭଟଲି ବ୍ଲକ ସମ୍ପାଦକ ଅଶୋକ ଡନସନା, ଅତାବିରା ବ୍ଲକ ସମ୍ପାଦକ ପ୍ରସନ୍ନ ବେହେରା, ବରପାଲି ବ୍ଲକ ସମ୍ପାଦକ ଚୁଙ୍ଗିଲାଲ ପଧାନ, ବୀରକିଶୋର ପଧାନ, ଅସିତ ଦାଶ, ବିପିନ ଭୋଇ, ସୁଶାନ୍ତ ଶତପଥୀ, ମନୋରଞ୍ଜନ ସାହୁ ପ୍ରମୁଖ ସହୋଯାଗ କରିଥିଲେ।

## ଷଡ଼ବଂଶୀ ଗଣ୍ଡ ସମାଜ ପକ୍ଷରୁ ବଡ଼ଦେଓଙ୍କ ବାର୍ଷିକ ପୂଜା

**ଅମ୍ବାଭୋନା, ୨୧।୧୨(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଲେଥେର ଗାଁରେ ଷଡବଂଶୀ ଗଣ୍ଡ ସମାଜ ପକ୍ଷରୁ ସମାଜର ଇଷ୍ଟଦେବୀ ବଡଦେଓଙ୍କ ବାର୍ଷିକ ପୂଜା ମହୋତ୍ସବ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜର ଲେଥେର ଗୁଡି ସଭାପତି ଅଲେଖ ଧରୁଆଙ୍କ ସଭାପତିତ୍ୱରେ ସାଧାରଣ ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବଙ୍ଗାପାଲି ପଞ୍ଚାୟତର ସରପଞ୍ଚ ସୁବାଷ ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ମନୋହର ସେଠ, ବରଗଡ଼ ଜିଲ୍ଲା ଷଡବଂଶୀ ଗଣ୍ଡ ସମାଜର ସଭାପତି ଲକ୍ଷ୍ମୀନାରାୟଣ ସିଂ, ସମ୍ପାଦକ ଶ୍ୟାମକୁଅଁର ଭୋଇ, ପାହାଡ ଶ୍ରୀଗିଡା ଜମିଦାର ବଂଶଜ ହରଜିତ ସିଂ, ଲଖନପୁର ଜମିଦାର ବଂଶଜ ପ୍ରଦୀପ ସିଂଦେଓ, ଖରସଲ ଜମିଦାର ବଂଶଜ ମହାଦେବ ସିଂ, ପାହାଡ ଶ୍ରୀଗିଡା ଗୁଡିର ରମେଶ ଭୁଏ, ଅମ୍ବାଭୋନା ଗୁଡିର ମହାଦେବ ବାଗ, ସିଆଲଖଣ୍ଡତା ଗୁଡିର ଗଣେଶ୍ୱର ମାଝୀ ଓ ଖୋଲା ଗୁଡିର ସାଲେଖରାମ ଭୁଏ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଷଡବଂଶୀ ଗଣ୍ଡ ସମାଜର ପରମ୍ପରା, ସାମାଜିକ ବ୍ୟବସ୍ଥା, ଆଧ୍ୟାତ୍ମିକ ଚିନ୍ତାଧାରା, ସମାଜିକ ଶିକ୍ଷା ଓ ଏକତାର ଗୁରୁତ୍ୱ ଉପରେ ବିଶଦ ଭାବେ ଆଲୋକପାତ କରିଥିଲେ। ପୂଜାପାଠ କାର୍ଯ୍ୟକ୍ରମକୁ ସମାଜର କୃପାସିନ୍ଧୁ ରାଏ ଓ ପ୍ରେମାନନ୍ଦ ଧରୁଆ ପାରମ୍ପରିକ ରୀତିନୀତି ଅନୁସାରେ ସମ୍ପାଦନ କରିଥିଲେ। ପ୍ରାରମ୍ଭରୁ ଇଷ୍ଟଦେବୀ ବଡଦେଓଙ୍କୁ ପାରମ୍ପରିକ ଧାରାରେ ପୂଜାର୍ଚ୍ଚନା କରାଯାଇଥିଲା।

## ମହୁଲପାଲିରେ ବିଶ୍ୱ ଧ୍ୟାନ ଦିବସ

**ପଦମପୁର, ୨୧।୧୨(ସମିସ):** ମହୁଲପାଲି ସ୍ଥିତ ଶିବ ମନ୍ଦିର ଠାରେ ବିଶ୍ୱ ଧ୍ୟାନ ଦିବସ ରବିବାର ପାଳିତ ହୋଇଯାଇଛି। ଭାରତୀୟ ସଂସ୍କୃତି ପରମ୍ପରାରେ କେଉଁ ଅନାଦି କାଳରୁ ଧ୍ୟାନ କରାଯାଉଛି। ମନକୁ ଶାନ୍ତ ରଖିବା ସହ ଏକାଗ୍ରତା ବୃଦ୍ଧି କରିବାରେ ଏହା ବିଶେଷ ସହାୟକ ହୋଇଥାଏ। ବଲାଙ୍ଗିରରୁ ଯୋଗାଚାର୍ଯ୍ୟ ଶରତ ଚନ୍ଦ୍ର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦିବ୍ୟଜ୍ୟୋତି ନୃସିଂହ ପଞ୍ଜିକାର ଗଣନାକାର ପଣ୍ଡିତ ଆଶୁତୋଷ ପାଣିଗ୍ରାହୀ ଜ୍ୟୋତିଷ ପ୍ରବୀଣ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଧ୍ୟାନକୁ ଭାରତର ପ୍ରାଚୀନ ସଂସ୍କୃତିର ଅମୂଲ୍ୟ ରହସ୍ୟ ଏବଂ ଏହା ସ୍ୱାସ୍ଥ୍ୟ ଓ ସମୃଦ୍ଧି ପାଇଁ ଏକ ସିଦ୍ଧ ଉପଚାର ବୋଲି କହିଥିଲେ। ଏହି ଅବସରରେ ହିମାଂଶୁ ଦାଶ, ସବ୍ୟସାଚୀ ପାଣିଗ୍ରାହୀ, ଆନନ୍ଦ ମିଶ୍ର, ଅନିଲ ପଣ୍ଡା, ବାବୁଲ ପଣ୍ଡା, ଦୀପକ ଭୋଇ, ଭବାନୀ ଶଙ୍କର ମହାପାତ୍ର, ଦୁଷ୍ମନ୍ତ ସାହୁ, ମଣ୍ଟୁ ଦାସ, ପୂର୍ଣ୍ଣ ମେହେର, ଅନାଦି ସାହୁ, ଜନକ ସାହୁ, ଜଗବନ୍ଧୁ ବଡଗୁଛିଆ, ମନ ବାଗ, ପ୍ରଶାନ୍ତ ସାହୁ, ପଞ୍ଚମ ସାହୁ, ଅକ୍ଷୟ ଦାଶ, ପ୍ରଦୀପ ସାହୁ, ନାରାୟଣ ପଣ୍ଡା, ସନ୍ତୋଷ ପଣ୍ଡା, ବାବୁଲାଲ ସାହୁ ଓ ମହୁଲପାଲି ଗାଁର ମାତୃ ମଣ୍ଡଳି ଉପସ୍ଥିତ ଥିଲେ। ଶେଷରେ ଅଶୋକ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ ଶିକ୍ଷୟିତ୍ରୀଙ୍କ କ୍ଲଷ୍ଟରସ୍ତରୀୟ ବୈଠକ

**ଅମ୍ବାଭୋନା, ୨୧।୧୨(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ଷଷ୍ଠ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ସାନନ୍ଦ ଦେହେରୀ ଓ ସମ୍ମାନିତ ଅତିଥି ଭାବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱାରୀର ପ୍ରଧାନଶିକ୍ଷକ ବଶିଷ୍ଠ ସାହୁ ଓ ବିଜ୍ଞାନ ଶିକ୍ଷକ ତଥା ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ଉଦ୍‌ଘାଟନ କରିଥିଲେ। ଶିକ୍ଷାର୍ଥୀମାନଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ପ୍ରଦାନ କରିବା ପାଇଁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ କ୍ଲଷ୍ଟରର ସିଆରସିସି କେଦାର ନାଏକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶ୍ରେଣୀ ପରିଚାଳନା, ଭାଷା ଓ ସଂଖ୍ୟା ଜ୍ଞାନ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ବାର୍ଷିକ ପରୀକ୍ଷା ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଥଲା। ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ଶୈକ୍ଷିକ ଓ ଭୌତିକ ପରିବେଶ ସମ୍ପର୍କିତ ତଥ୍ୟ ସଂଗ୍ରହ କରି ବିଶଦ ଭାବେ ଆଲୋଚନା କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ରଞ୍ଜନ ଭୁଏ, ମୀନକେତନ ଭୈସା, କ୍ଷୀରୋଦ ଡନସନା, ବୀରେନ୍ଦ୍ର ବେହେରା, ପ୍ରେମଜିତ୍ ସୁନା, ଗୌରାଙ୍ଗ ସେଠ୍, ଶିକ୍ଷୟିତ୍ରୀ ରାଜୀ ଭୁଏ, ସନ୍ତୋଷିନୀ ଗୁଏଲ, ଲତା ସିଦାର, ଅନୀତା ଭୋଇ, ବବଲି ଭେସ୍ରା, ମାନସୀ ସେଠ୍, ସୌଦାମିନୀ ବାରିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଚାଳନାରେ ଶିକ୍ଷକ ଅମୂଲ୍ୟ ଭୋଇ, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ସୌଦାମିନୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ







ବରଗଡ଼, ୨୧।୧୨(ସମିସ)

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ହିନ୍ଦୀ ବିଭାଗ) ବରଗଡ଼ର ବାର୍ଷିକ ଉତ୍ସବ ବରଗଡ଼ର ସୌଖିନ ରଙ୍ଗମଞ୍ଚ ଠାରେ ପାଳିତ ହୋଇଯାଇଛି। ଏଥିରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷା ବିକାଶ ସମିତି, ଓଡ଼ିଶା ପଶ୍ଚିମ ସମ୍ଭାଗର ସଭାପତି ବେଣୁଧର ପ୍ରଧାନ ସମ୍ମାନିତ ଅତିଥି, ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତର ଉପସଭାପତି ଭକ୍ତ ଚରଣ ସାହୁ ମୁଖ୍ୟ ବକ୍ତା ଭାବେ ମଞ୍ଚାସୀନ ଥିଲେ। ତାଙ୍କ ସହିତ ମଞ୍ଚାସୀନ ଥିଲେ ସ୍ଥାନୀୟ ବିଦ୍ୟାଳୟର ସଭାପତି ରୁକ୍ମଣ ମହାପାତ୍ର, ସହସମ୍ପାଦକ ସଦାଶିବ କର, ଓଡ଼ିଆ ବିଭାଗର ପ୍ରଧାନଆଚାର୍ଯ୍ୟ ରଞ୍ଜନ ବିଶ୍ୱାଳ, ସମ୍ପାଦକ ସୁରେଶ ସାହୁ। କାର୍ଯ୍ୟକ୍ରମରେ ୨୬୭ ଜଣ ଛାତ୍ରଛାତ୍ରୀ ଭାଗ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ବିଭାଗର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହିତ ସଙ୍ଗୀତ ନିର୍ଦ୍ଦେଶକ ଗୋପାଳ ପ୍ରସାଦ ମିଶ୍ର, ନାଚ ନିର୍ଦ୍ଦେଶକ ଶିବ ଶଙ୍କର ମେହେର ଓ ସାଥୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଥମ ଅଧିବେଶନରେ କୋଷାଧକ୍ଷ କୋଦଣ୍ଡ ମେହେର ଓ ଦ୍ୱିତୀୟ ଅଧିବେଶନରେ ଆଚାର୍ଯ୍ୟ ଉପେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରର ୪୧ତମ ବାର୍ଷିକ ଉତ୍ସବ କୁଶୁନାପାଲି ସ୍ଥିତ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ବିଦ୍ୱତ ପରିଷଦ ସଭାପତି ଡ.ବାଞ୍ଛାନିଧି ପଣ୍ଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋବର୍ଦ୍ଧନ ଭୋଇ ଯୋଗ ଦେଇଥିଲେ। ସେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ପ୍ରଦତ୍ତ ସିଏସ୍‌ଆର୍ ଫଣ୍ଡ ଏମ୍‌ସିଏଲ୍‌ରୁ ୩୦ ଲକ୍ଷ ୯୬ ହଜାର ଅଟକଳ ମୂଲ୍ୟରେ ନିର୍ମିତ ହେବାକୁ ଥିବା ବିଜ୍ଞାନଗାର ଓ ପାଠାଗାର ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦ, ଓଡ଼ିଶା ପଶ୍ଚିମ ପ୍ରାନ୍ତ ସଭାପତି ଭକ୍ତ ଚରଣ ସାହୁ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ପୃଥିରାଜ ସାହୁ ଆର୍ଶୀବଚନ ପ୍ରଦାନ କରିଥିଲେ। ସମ୍ପାଦକ ଜନକଲାଲ ମେହେର ବାର୍ଷିକ ବିବରଣୀ ପଠନ କରିଥିଲେ।

ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର ଅରୁଣ ଉନ୍ମୋଚିତ ହୋଇଥିଲା। ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଭକ୍ତଚରଣ ସାହୁ, ଆଶିଷ ମିଶ୍ର, ଡ.ଶଙ୍କର ରାମଚନ୍ଦାନୀ, ସମାଜସେବୀ ନିରୋଜ ଦୋରା, ଉମା ପ୍ରଧାନ ତଥା ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ ପ୍ରତିଯୋଗିତା ତଥା ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ସତ୍ୟ ନାରାୟଣ ସାହା ସଂଯୋଜନା କରିଥିଲେ। କୋଷାଧକ୍ଷ ଘନଶ୍ୟାମ ପୁଞ୍ଜି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କଲ୍ୟାଣୀ ମିଶ୍ର ସଂଯୋଜନା କରିଥିଲେ। ପରେ ଶିଶୁ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବ ପ୍ରମୁଖ ସୁକାନ୍ତ କିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଅରୁଣ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଭାଇ ଭଉଣୀ ମାନଙ୍କ ମଧ୍ୟରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଯୋଗାସନ ପିରାମିଡ, ରାମାୟଣ, ଦୁଲଦୁଲି ବଜା, ନାଟ୍ୟକାର କେଶରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶନାରେ ନାଟକ ଗୁଣାଢ଼୍ୟ ପ୍ରଦର୍ଶିତ ହୋଇଥିଲା।

**ଅତାବିରା:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୯ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ନିହାର ମହାନନ୍ଦ, ସମ୍ମାନିତ ଅତିଥି ଭାବେ ମହେଶ୍ୱରୀ ଗ୍ରୁପର ଅଧକ୍ଷ ସମାଜସେବୀ ଫକୀର କର୍ଣ୍ଣ, ପୂର୍ବତନ ସମ୍ପାଦକ ସୁରେନ୍ଦ୍ର ସ୍ୱାଇଁ, ପରିଚାଳନା କମିଟି ସଭାପତି ପାଣିବୁଡି ପ୍ରଧାନ, ସମ୍ପାଦକ ନିତ୍ୟାନନ୍ଦ ପ୍ରଧାନ ଯୋଗ ଦେଇଥିଲେ। ସାଂସଦଙ୍କ ସୁପାରିସ କ୍ରମରେ ଏମ୍‌ସିଏଲର ସିଏସ୍‌ଆର୍ ଫଣ୍ଡରୁ ବିଦ୍ୟାଳୟକୁ ୫୦ ଲକ୍ଷ ଟଙ୍କା ଆସିଥିବା ଓ ଆଗକୁ ଆହୁରି ସରକାରୀ ଅର୍ଥ ଯୋଗାଣରେ ବ୍ୟବସ୍ଥା କରିବାକୁ ବିଧାୟକ କହିଥିଲେ। ସମ୍ମାନିତ ଅତିଥି ଶ୍ରୀ କର୍ଣ୍ଣ ବିଦ୍ୟାଳୟର ସହାୟତା ପାଇଁ ଲକ୍ଷେ ଟଙ୍କା ଘୋଷଣା କରିଥିଲେ। ପ୍ରଧାନଆଚାର୍ଯ୍ୟ ଯଯାତିଲ ସକେଶରୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଜିତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଦୀପ ପୂଜାରୀ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ବିଦ୍ୟାଳୟକୁ ଜମି ଦାନ କରିବାକୁ ପ୍ରତିଶ୍ରୁତି ଦେଇଥିବା ଭାଲୁପାଲି ଗାଁର ସମାଜସେବୀ ଲେସଦେବ ପ୍ରଧାନଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**ପାଇକମାଳ:** ପାଇକମାଳ ବ୍ଲକ ଫ୍ରେଜରପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧକ୍ଷା ସ୍ମୃତି ପ୍ରିୟଦର୍ଶିନୀ ସାହୁଙ୍କ ସଭାପତିତ୍ୱରେ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କେଛୋଦାଦର ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି, ଝାରବନ୍ଧ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧାପକ ଖ୍ୟାତିମୟ ତ୍ରିପାଠୀ ମୁଖ୍ୟ ବକ୍ତା ଓ ସମାଜସେବୀ ତଥା ଅବସରପ୍ରାପ୍ତ ଶିକ୍ଷକ କର୍ମୁ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ବିଦ୍ୟାଳୟରେ ପାଠ ପଢ଼ି ବର୍ତ୍ତମାନ ଡାକ୍ତରୀ, ଇଞ୍ଜିନିୟରିଂ ପାଠ୍ୟକ୍ରମ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ସୁନୀଲ ମେହେର, ଅମିତ ସାହୁ, କାନନବାଲା ସାହୁ ଓ ପ୍ରିୟାବତୀ ପ୍ରଧାନ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଅପରାହ୍ନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

